# ଜାଗ ବନ୍ଧନହରା

● ଅନନ୍ତ ପଟ୍ଟନାୟକ

(୧୯୧୨-୧୯୮୭)

**କବି ପରିଚୟ :**

*ଖୋର୍ଦ୍ଧା ଜିଲ୍ଲାର ଚଣାହାଟ ଗ୍ରାମରେ କବି ଅନନ୍ତ ପଟ୍ଟନାୟକ ଜନ୍ମଗ୍ରହଣ କରିଥିଲେ । ସାମ୍ୟବାଦୀ ଚିନ୍ତାଧାରାର କବିତା ରଚନା ପାଇଁ 'ନବଯୁଗ ସାହିତ୍ୟ ସଂସଦ' ଜରିଆରେ ଯେଉଁ ଆନ୍ଦୋଳନ ହୋଇଥିଲା ତହିଁରେ ସେ ଅଂଶ ଗ୍ରହଣ କରିଥିଲେ । ନବଯୁଗ ସାହିତ୍ୟ ସଂସଦର ପ୍ରଥମ ଅଧିବେଶନରେ ପ୍ରାରମ୍ଭିକ ସଂଗୀତ ରୂପେ ଏହି କବିତାଟି ଗାନ କରାଯାଇଥିଲା । ରକ୍ତଶିଖା, ଛାଇର ଛିଟା, ଅଲୋଡ଼ାଲୋଡ଼ା, ଅବାନ୍ତର, କିଞ୍ଚିତ ଆଦି କବିତା ସଂକଳନ ତାଙ୍କ କାବ୍ୟକୃତିର ସାର୍ଥକ ପରିଚୟ । 'ଅବାନ୍ତର' କବିତା ପୁସ୍ତକ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ।*

*ଶୋଷଣମୁକ୍ତ ଓ ଶ୍ରେଣୀହୀନ ସାମାଜିକ ତଥା ସାଂସ୍କୃତିକ ବ୍ୟବସ୍ଥା ପ୍ରବର୍ତ୍ତନ ଓ ମାନବବାଦର ଜୟଗାନ ଏହି କବିତାର ଅନ୍ତଃସ୍ୱର ।*

---

**ନ**ବୀନଯୁଗର ତରୁଣ ଜାଗରେ
    ଜାଗ ବନ୍ଧନହରା,
ବକ୍ଷ ଶୋଣିତେ ଲକ୍ଷ ଜୀବନେ
    ଖେଳାଅ ଆଲୋକଧାରା । ୦।
ଛିନ୍ନ କରରେ ବନ୍ଧନରାଜି
    କ୍ରନ୍ଦନ ହେଉ ଶେଷ,
ଲୁପ୍ତ ହେଉରେ ଜାତି ଉପଜାତି
    ଖଣ୍ଡିତ ଶତ ଦେଶ ।
ମହାମାନବର ଶଙ୍ଖ ଶବଦେ ଶମୁରେ ଦୁଃଖ ଜ୍ୱାଳା
    ଜାଗ ବନ୍ଧନହରା । ୧।

‘ମରଣ ଦୁଆରେ ଚରଣ ଅରପି
ଗାଅରେ ଅମର ଗାନ,
ପୋଛିଦିଅ ଆଜି ମାନବ ଶିରସୁଁ
ସଂଚିତ ଅପମାନ,
ଲଂଘି ବନାନୀ ଶୈଳ ସାଗର
ଚୂରରେ ତିମିର କାରା । ୨।

ମରୁ ପଥେ ପଥେ ନିର୍ଝର ସୃଜି
ଯାତ୍ରା କର ହେ କର,
ସ୍ପନ୍ଦନ ବହି ଅନ୍ତରେ କୋଟି
ପ୍ରଦୀପ ଉଚ୍ଚେ ଧର ।
ଶଙ୍କିତ ହେଉ କଂପିତ ପ୍ରାଣେ
ଚନ୍ଦ୍ର ତପନ ତାରା । ୩।

ସନ୍ଧାନୀ ତବ ସନ୍ଧାନ ପଥେ
କଣ୍ଟକ ଟେକେ ଶିର,
ସମ୍ମୁଖେ ତବ କୁହେଳି ରଚଇ
ମୋହ ମମତାର ନୀର ।
ଭିନ୍ନ କରି ସେ ତନ୍ଦ୍ରା-ପରଶ
ହସାଅ ଭୁବନ ସାରା ।୪।

ଚିରି ଅତୀତର ଜୀର୍ଣ୍ଣ ଜୀବନ
ଜାଗ ଆହେ ଭବିଷ୍ୟତ,
ଚୂର୍ଣ୍ଣ କରୁରେ ସ୍ୟନ୍ଦନ ତବ
ପୀଡ଼ନର ପରବତ ।
ଭାଜି ପଡୁ ଆଜି ଅର୍ଗଳ ରାଜି
ଘେନ ବିଜୟର ମାଳା,
ଜାଗ ବନ୍ଧନହରା ।

**ସୂଚନା :**

| | | | | | |
|---|---|---|---|---|---|
| ବନ୍ଧନହରା | - | ସକଳ ପ୍ରକାରର ବନ୍ଧନରୁ ମୁକ୍ତ ହୋଇଥିବା | ଶିରସୁଁ | - | ମୁଣ୍ଡରୁ |
| ଶୋଣିତ | - | ରକ୍ତ | ସ୍ପନ୍ଦନ | - | ଶିହରଣ, କମ୍ପନ |
| ଛିନ୍ନ | - | ଛିଣ୍ଡେଇବା | ଶଙ୍କିତ | - | ଭୟଭୀତ |
| ଲୁପ୍ତ | - | ଲୋପ ପାଇଥିବା | ତନ୍ଦ୍ରା | - | ନିଦ୍ରା |
| ଶମୁ | - | ପ୍ରଶମିତ ହେଉ, କମିଯାଉ | ଜୀର୍ଣ୍ଣ | - | ଦୁର୍ବଳ |
| ଅମର ଗାନ | - | ଚିରନ୍ତନ ଗୀତି | ସ୍ୟନ୍ଦନ | - | ରଥ |
| | | | ଅର୍ଗଳ | - | ବନ୍ଧନ (ଯୂପ) |

## ପ୍ରଶ୍ନାବଳୀ

**ନିର୍ଦ୍ଦିଷ୍ଟ ଉତ୍ତରମୂଳକ :**

୧. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦବାଛି ଶୂନ୍ୟସ୍ଥାନ ପୂରଣ କର ।
ନବଯୁଗର _______ ମାନଙ୍କୁ ଜାଗି ଉଠିବା ପାଇଁ କୁହାଯାଇଛି ।
(ଶୋଷିତ, କୃଷକ, ବୃଦ୍ଧ, ତରୁଣ)

୨. ଠିକ୍ ଉତ୍ତରଟି ବାଛି ପାଦ ପୂରଣ କର ।
ଲକ୍ଷ ଜୀବନେ ଖେଳାଅ _______ ।
(ସମାଜବାଦୀଧାରା, ଆଲୋକଧାରା, ଉତ୍ସାହବାଣୀ, ଅନ୍ଧକାରଧାରା)

୩. 'ସଞ୍ଚିତ' କେଉଁ ପଦ ?
(ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ)

୪. କେଉଁଟି 'ତିମିର'ର ପ୍ରତିଶବ୍ଦ ହେବ ଲେଖ ।
(କ) ଅନ୍ଧାର (ଖ) ରାତ୍ରି (ଗ) ସନ୍ଧ୍ୟା (ଘ) କଳା

୫. ତନ୍ଦ୍ରାପରଶ କେଉଁ ସମାସ ?
(କର୍ମଧାରୟ, ଷଷ୍ଠୀ ତତ୍ପୁରୁଷ, ପଞ୍ଚମୀ ତତ୍ପୁରୁଷ, ବହୁବ୍ରୀହି)

୬. 'ଭୁବନ' - ଏହିପରି 'ଅନ' ପର ପ୍ରତ୍ୟୟ ଲାଗିଥିବା ୩ଟି ଶବ୍ଦ ଲେଖ ।

୭. 'ନିର୍ଝର' ଶବ୍ଦର ସନ୍ଧି ବିଚ୍ଛେଦ କଲେ କ'ଣ ହେବ ?
(କ) ନିଃ+ଝର (ଖ) ନିର+ଝର (ଗ) ନି+ଝର (ଘ) ନୀ+ଝର

**କ୍ଷୁଦ୍ର ଉତ୍ତରମୂଳକ :**

୮. ବନ୍ଧନହରା କେଉଁମାନଙ୍କ ଉଦ୍ଦେଶ୍ୟରେ କୁହାଯାଇଛି ?

୯. କେଉଁଠାରେ ଆଲୋକଧାରା ଖେଳାଇବାକୁ କବି କହିଛନ୍ତି ?

୧୦. କବି କ'ଣ ଲୁପ୍ତ ହେବାକୁ କହିଛନ୍ତି ?

୧୧. କାହାର ଶଙ୍ଖଧ୍ୱନିରେ ଦୁଃଖ ଜ୍ୱାଳା ପ୍ରଶମିତ ହେବ ?

୧୨. କେଉଁଠାରେ ଅମର ଗାନ ଗାଇବାପାଇଁ କବି କହିଛନ୍ତି ?

୧୩. ତିମିରକାରା ଭାଙ୍ଗିଦେବା କଥା କବି କାହିଁକି କହିଛନ୍ତି ?

୧୪. ମରୁ ପଥରେ କବି କ'ଣ ସୃଷ୍ଟି କରିବାକୁ କହିଛନ୍ତି ?

୧୫. 'ସମ୍ମୁଖେ ତବ' - 'ତବ' ଏଠାରେ କାହା ଉଦ୍ଦେଶ୍ୟରେ କୁହାଯାଇଛି ?

୧୬. ଭୁବନସାରା ହସାଇବା ପାଇଁ କ'ଣ ଭିନ୍ନ କରିବାକୁ କୁହାଯାଇଛି ?

୧୭. ଭବିଷ୍ୟତର ତରୁଣମାନେ କ'ଣ କଲେ ଜାଗି ଉଠିବେ ବୋଲି କବି କହିଛନ୍ତି ?

୧୮. ବିଜୟର ମାଳା ଘେନିବା ପୂର୍ବରୁ କ'ଣ ହେଉ ବୋଲି କବି କହିଛନ୍ତି ?

**ସପ୍ରସଙ୍ଗ ସରଳାର୍ଥ :**

୧୯. ମରଣ ଦୁଆରେ ଚରଣ ଅରପି
ଗାଅରେ ଅମର ଗାନ
ପୋଛିଦିଅ ଆଜି ମାନବ ଶିରସୁଁ
ସଂଚିତ ଅପମାନ ।

୨୦. ଭିନ୍ନ କରି ସେ ତନ୍ଦ୍ରା ପରଶ
ହସାଅ ଭୁବନ ସାରା

୨୧. ଭାଜି ପଡୁ ଆଜି ଅର୍ଗଳ ରାଜି
ଘେନ ବିଜୟର ମାଳା ।

**ଦୀର୍ଘ ଉତ୍ତରମୂଳକ :**

୨୨. ଏକ ସାର୍ଥକ ଉଦ୍‌ବୋଧନ ଗୀତିକା ଭାବରେ 'ଜାଗ ବନ୍ଧନହରା' କବିତାର ମର୍ମ ଆଲୋଚନା କର ।

୨୩. ନବଯୁଗର ତରୁଣମାନଙ୍କୁ ଯୁଗର ଆହ୍ୱାନ ସଂପର୍କରେ କବି କ'ଣ କହିଛନ୍ତି ବିଚାର କର ।

୨୪. 'ଜାଗ ବନ୍ଧନହରା' କବିତାରେ ବନ୍ଧନରାଜିକୁ ଛିନ୍ନ କରିବା ପାଇଁ କବି ଦେଇଥିବା ଆହ୍ୱାନକୁ ବିଶ୍ଳେଷଣ କର ।

**ତୁମ ପାଇଁ କାମ:**

୨୫. ଅନନ୍ତ ପଟ୍ଟନାୟକଙ୍କ ଅନ୍ୟାନ୍ୟ କବିତା ସଂଗ୍ରହ କରି ପଢ଼ ।

୨୬. ତୁମର ପ୍ରିୟସାଙ୍ଗ ନିକଟକୁ ନବଯୁଗର ଆହ୍ୱାନ ସଂପର୍କରେ ଚିଠି ଲେଖ ।

◆